# ତହସିଲଦାରଙ୍କ କାର୍ଯ୍ୟାଳୟ, ଆସିକା ଜିଲ୍ଲା-ଗଞ୍ଜାମ

ବିଜ୍ଞପ୍ତି ସଂଖ୍ୟା: 5646/ସୈରାତ  ତାରିଖ- 10.11.22

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ନିମନ୍ତେ ବିଜ୍ଞାପନ

[ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମ -2016 ଅନୁଯାୟୀ]

ଏତଦ୍ୱାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ **ଆସିକା ତହସିଲ** ଅନ୍ତର୍ଗତ ନିମ୍ନ ରେ ପ୍ରଦତ୍ତ ୦୪ ଗୋଟି ପଥର ଲଘୁଖଣିଜ ଦ୍ରବ୍ୟ ସଇରାତ ଉତ୍ସକୁ ଆସନ୍ତା **5 (ପାଞ୍ଚ ବର୍ଷ)** ନିମନ୍ତେ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

### ସଇରାତ ଉତ୍ସର ବିବରଣୀ

| କ୍ରମିକ ନଂ | ସଇରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ଏକରରେ | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ (ପ୍ରତି ଘନ ମି.) | ଅତିରିକ୍ତ ଦେୟ (ପ୍ରତି ଘନ ମି.) | ମୋଟ ଦେୟ(ପ୍ରତି ଘନ ମି.) | M.G.Q ଅନୁସାରେ ବାର୍ଷିକ ସଇରାତର ପରିମାଣ | ଅଗ୍ରିମ ଦାଖଲ କରିଥିବା ଅମାନତ ରାଶିର ପରିମାଣ (ଟଙ୍କାରେ ) | 5% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ ) |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ବେଣାପାଟ ପଥର ଖଣି | ବେଣାପାଟ | ୨୦୫ | ୪୬୦ | ୯.୮୮୪ | ପର୍ବତ | ଟ. ୧୩୦/-ଙ୍କ | ଟ. ୧୦୦/- | ଟ. ୨୩୦/- ଙ୍କା | ୮000 | OMMC ରୁଲ | ୯୨୦୦୦/- |
| ୨ | ଗୁଣ୍ଡପଡ଼ା ପଥର ଖଣି | ଗୁଣ୍ଡପଡ଼ା | ୯୫୮ | ୧ | ୧୨.000 | ପର୍ବତ | ଟ. ୧୩୦/-ଙ୍କ | ଟ. ୧୦୦/- | ଟ. ୨୩୦/- ଙ୍କା | ୧0000 | OMMC ରୁଲ | ୧,୧୫,୦୦୦,/- |
| ୩ | ସୁମନ୍ତପଲ୍ଲୀ ପଥର ଖଣି | ଗୁଣ୍ଡପଡ଼ା | 958 | 5 | ୧୨.000 | ପର୍ବତ | ଟ. ୧୩୦/-ଙ୍କ | ଟ. ୧୦୦/- | ଟ. ୨୩୦/- ଙ୍କା | ୧0000 | OMMC ରୁଲ | ୧,୧୫,୦୦୦,/- |
| ୪ | ରାଇପଲ୍ଲୀ ପଥର ଖଣି | ରାଇପଲ୍ଲୀ | 392 | 66 | ୧୨..000 | ପର୍ବତ | ଟ. ୧୩୦/-ଙ୍କ | ଟ. ୧୦୦/- | ଟ. ୨୩୦/- ଙ୍କା | ୮000 | OMMC ରୁଲ | ୯୨,୦୦୦,/- |

ପ୍ରକାଶ ଥାଉକି ଲିଜରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ । ଲିଜ ନେବା ପରେ ସଇରାତ ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule-2016 ଏବଂ ଏହାର Amendments Rule ମୁତାବକ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ ଜଉମୁଦ ଲଫାପା ରେ ଆବେଦନ କରିବେ ।

1. ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ-2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା 3 କିତା Form- M ( 3 Copies) ଦାଖଲ କରିବେ ।
2. ଦରଖାସ୍ତ ଫିଜ୍ ବାବଦକୁ ଟ. 1,000/- (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ (Head of Account-0853-Non Ferrous Mining & Metallurgical Industries- 102-Mineral Concession Fees Rent of Royalties) ଦାଖଲ କରିବେ । ଏବଂ ଏହି ଦରଖାସ୍ତ ଫିଜ୍ ଫେରସ୍ତ କରାଯିବ ନାହିଁ ।
3. ଉତ୍ସ ର ନାମ ତଫସିଲ ଏବଂ ସରହଦ୍ ର ବିବରଣୀ ସଂଲଗ୍ନ କରିବା ହେବେ ।
4. ଲଘୁ ଖଣିଜ ନିୟମାବଳୀ ୨୦୧୬ ଆଧାରରେ ,ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ ।

5. ଆବେଦନକାରୀ ଗତ ଆର୍ଥିକ ବର୍ଷ ତଥା ୨୦୨୧-୨୨ ନିମନ୍ତେ ଦାଖଲ କରିଥିବା ଆୟକର (Income Tax Return filling) ର ନକଲ ଯେଉଥିରେ ଦର୍ଶିତ ବାର୍ଷିକ ଆୟ ର ମୂଲ୍ୟ ସର୍ବନିମ୍ନ ବାର୍ଷିକ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ର ଏକ ବର୍ଷ ର ରୟାଲଟି ଯୁକ୍ତ ଦରଖାସ୍ତରେ ଦର୍ଶାଇଥିବା ଅର୍ପିତ ଅତିରିକ୍ତ ଦେୟ ର ପରିମାଣ ଠାରୁ କମ ହୋଇନଥିବ .

କିମ୍ବା

ବ୍ୟାଙ୍କ ପ୍ରତ୍ୟାଭୂତି ( Bank Guarantee ) ଯାହାର ଅବଧି ଅଠର ମାସ ହେବା ସହ ଯାହାର ମୂଲ୍ୟ ସର୍ବନିମ୍ନ ବାର୍ଷିକ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ର ଏକ ବର୍ଷ ର ରୟାଲଟି ଯୁକ୍ତ ଦରଖାସ୍ତରେ ଦର୍ଶାଇଥିବା ଅର୍ପିତା ଅତିରିକ୍ତ ଦେୟ ର ପରିମାଣ ଠାରୁ କମ ହୋଇନଥିବ ଏହା ଦାଖଲ କରିବେ ।

**"Income Tax Return of previous financial year (2021-22) showing annual income for an amount not less than the amount of additional charge offered and the royalty payable for the minimum guaranteed quantity for one whole year or Bank guarantee valid for a period of eighteen months for the amount not less than the amount as above"**

[Requisite income tax return of previous year/ Bank Guarantee = Minimum Guaranteed Quantity X (Offered Additional Charge + Royalty)]

6. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ପୁରା ଏକ ବର୍ଷ ନିମନ୍ତେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଯୁକ୍ତ ରୟାଲଟି ର ଶତକଡା 5 ଭାଗ EMD ( Earnest Money Deposit ) ର ପରିମାଣକୁ ଆବେଦନକାରୀ ତହସିଲଦାର ,ଆସିକା ଙ୍କ ନାମରେ ଚଳ ବନ୍ଧକ କୃତ ବା Pledged ବ୍ୟାଙ୍କ ଡ୍ରାଫ୍ଟ ନିର୍ଦ୍ଧାରିତ ହୋଇଥିବା EMD ( Earnest Money Deposit ) ର ପରିମାଣକୁ ଆବେଦନକାରୀ ତହସିଲଦାର, ଆସିକାଙ୍କ ନାମରେ ଦାରଖାସ୍ତ ସହ ସଂଲଗ୍ନ କରିବେ ନଚେତ ଦରଖାସ୍ତଟି କୁ ବିଚାରକୁ ନିଆଯିବ ନାହିଁ ।

7. ଦରଖାସ୍ତ କାରୀ ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅସ୍ଥାବର ସମ୍ପତ୍ତି ତାଲିକା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ତଥା ବୈଷୟିକ ଜ୍ଞାନ ଅଭିଜ୍ଞତା ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦି ର ପ୍ରମାଣ ପତ୍ର ସଂଲଗ୍ନ କରିବେ ।

8. ଆବେଦନକାରୀଙ୍କ ପାନକାର୍ଡ (PAN Card) ର ନକଲ । ଦାଖଲ କରିବେ

9 ଯଦି ଦରଖାସ୍ତକରୀ ଜିଏସଟି Registration ଭୁକ୍ତ ଅଟନ୍ତି ତେବେ ଜିଏସଟି କ୍ଲିୟରେନ୍ସ ସାର୍ଟିଫିକେଟ ରେ ନକଲ ଦାଖଲ କରିବେ,ଯଦି ଜିଏସଟି Registration ଭୁକ୍ତ ନୁହନ୍ତି ତେବେ ଯୋଗ୍ୟ ବେବେଚିତ ହେବାପରେ ଜିଏସଟି ରେଜିଷ୍ଟ୍ରିକରଣ କରିବେ ନେଇ ଏକ ସତ୍ୟପାଠ ଦାଖଲ କରିବେ

10. ଦରଖାସ୍ତକାରୀ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସ କୁ ପରିଦର୍ଶନ କରି ଥିବାର ଏକ ସ୍ୱଘୋଷିତ ଲିଖିତ ନାମା (Self-Declaration) ଦାଖଲ କରିବେ ।

11. ଦରଖାସ୍ତକାରୀ ସଇରାତ ଉତ୍ସର Mining Plan Preparation, E.C. Preparation & Sairat Advertising Cost ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

12. ଦରଖାସ୍ତକାରୀ ଦରଖାସ୍ତ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନ କାରୀଙ୍କ ନାମ, ଠିକଣା ଓ ଫୋନ୍ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ । ନଚେତ୍ ଦରଖାସ୍ତଟି କୁ ନାକଚ କରାଯିବ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତ କୁ ଜଉମୁଦ – ଦିଆ ଲଫାପାରେ **Registered Post/ Speed Post** ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ତା ୧୧.୧୧.୨୦୨୨ ରିଖ ଠାରୁ **ତା ୨୯.୧୧.୨୦୨୨ ରିଖ ମଧ୍ୟରେ** ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ କାର୍ଯ୍ୟ ନିର୍ଘଣ୍ଟ **ଅପରାହ୍ନ ୫.୦୦** ଘଟିକା ମଧ୍ୟରେ ଦାଖଲ କରିପାରିବେ । ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

ଠିକଣା

ତହସିଲଦାରଙ୍କ କାର୍ଯ୍ୟାଳୟ,

ଗ୍ରାମ /ପୋଷ୍ଟ -ଆସିକା

ଜିଲ୍ଲା – ଗଞ୍ଜାମ , ଓଡିଶା , ପିନ୍ –761110

ତା ୩୦.୧୧.୨୦୨୨ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ତହସିଲଦାର୍, ଆସିକା ଙ୍କ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ଵାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ OMMC Rule-2016 ଓ ଏହାର Amendments Rule ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଦର ଉଲ୍ଲେଖ କରି ଥିବା ଦରଖାସ୍ତ କାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ୍ କରି ଦିଆଯିବ ।

10.11.22

ତହସିଲଦାର, ଆସିକା

## ସର୍ତ୍ତାବଳୀ

1.ଆବେଦନକାରୀ ମାନେ OMMC-Rule-2016 ଏବଂ ଏହାର Amendments Rule ର ପରିସର ଭୁକ୍ତ ରହିବେ ।

2. ଆବେଦନକାରୀ ଲିଜ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ସଇରାତ ଉତ୍ସ ଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଥିବା ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ଉଦ୍ଦିଷ୍ଟ ନିଲାମରେ ଅଂଶ ଗ୍ରହଣ କରିବେ । ଲିଜ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଲିଜ ଦିଆଯାଇ ଥିବା ଧାର୍ଯ୍ୟ ସମୟ ମଧରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

3. ଲିଜ ଧାରୀ Mining Plan, ECଏବଂ Advertising ର ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ । ସର୍ବୋଚ୍ଚ ନିଲାମଧାରୀ ସଇରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to Operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (Odisha Pollution Control Board) ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

4. ଆବେଦନକାରୀ ପ୍ରାଧୀକୃତ ଅଧିକାରୀ (Competent Authority) ଙ୍କ ଦ୍ଵାରା ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଠାରୁ କମ୍ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ୍ ନ କରିଥିବା ଦରଖାସ୍ତ କାରୀଙ୍କ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଆବେଦନ ପତ୍ରରେ ରୟାଲଟି ଦର୍ଶାଇବା ପାଇଁ ଧାର୍ଯ୍ୟ ହୋଇଥିବା ସ୍ଥାନରେ ରୟାଲଟି ସହ ଅତିରିକ୍ତ ଦେୟ ପୃଥକ୍ ପୃଥକ୍ ଭାବରେ ଦର୍ଶାଇବେ ।

5. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ (Additional Charge) ଦର୍ଶାଇ ଥାନ୍ତି ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

6. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ, ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।

7.ନିଲାମ ଧାରୀ ସମସ୍ତ Clearance ଦେୟ ଜମା କରିବା ପରେ Form-N ରେ ଚୁକ୍ତି ପତ୍ର ସ୍ଵାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜଷ୍ଟ୍ରି (Registration Act 1908 & Stamp Act 1890 &1899 ଅନୁଯାୟୀ) ସମ୍ପାଦନ କରିବେ।

8. OMMC Rule-2016 ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି ବ୍ୟାଜାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।

9. ଲିଜ ଧାରୀ ସଇରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royalty, Additional Charge, Dead Rent, Surface Rent, DMF, EMF ଓ ଅନ୍ୟାନ ଦେୟର OMMC Rule-2016 ଅନୁଯାୟୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ନିକଟରେ ପୈଠ କରିବେ ଏବଂ ଏ ସମସ୍ତ ଦେୟର ୨.୨% ଆୟକର (TDS) ବାବଦକୁ ଜମା କରିବେ ।

10. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜ ଧାରୀ ସଇରାତ ଉତ୍ସକୁ କାର୍ଯ୍ୟକ୍ଷମକରି ପାରିବେ ନାହିଁ ।

11. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର 7 (ସାତ) ଦିନ ମଧରେ ପ୍ରାଧୀକୃତ ଅଧିକାରୀଙ୍କ ଦ୍ଵାରା ନିର୍ଦ୍ଧାରିତ ଫର୍ମରେ ଜଣାଇ ଦିଆଯିବ । ସୂଚନା ପାଇବାର 15 (ପନ୍ଦର) ଦିନ ମଧରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେସଙ୍ଗେ ଅମାନତ ରାଶି ଜମା କରିବେ । ଯଦି ମନୋନୀତ ବ୍ୟକ୍ତି 15 (ପନ୍ଦର) ଦିନ ମଧରେ ସମ୍ମତି ନ ଦିଅନ୍ତି ତେବେ ଦ୍ଵିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

12.ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ କାଗଜାତ ଆସିକା ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ପାଇ ପାରିବେ । ଏହି ଇସ୍ତାହାର ର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ୍ **www.ganjam.nic.in** ରେ ଦେଖିପାରିବେ ।

13.କ୍ଷମତାପ୍ରାପ୍ତ ଅଧିକାରୀ ଲିଜ ଅବଧି ମଧରେ ଯେ କୌଣସି ସମୟରେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଏବଂ ଅତିରିକ୍ତ ଦେୟ (Additional Charge) ସଂଶୋଧନ କରିପାରିବେ।

14. ନିଲାମ ଦରଖାସ୍ତକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ – 2016 (OMMC Rule-2016) ଏବଂ ତଦ୍ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।

15. ଲିଜ ଧାରୀ ଏକ ସ୍ଵତନ୍ତ୍ର ରେଜିଷ୍ଟର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନ ତ୍ରୟମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

16. ଯଦି ନିଲାମ ଇସ୍ତାହାରରେ କୌଣସି ତୃଟି ପରିଲକ୍ଷିତ ହୁଏ ତେବେ ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଅଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

17. ଲିଜ ଅବଧି ସସୟରେ ଲିଜଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଘଂନ କଲେ ତାଙ୍କ ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତି କରାଯିବ ।

18. ପରବର୍ତ୍ତୀ ସମୟରେ ଯଦି କୌଣସି ଦେୟର ମୂଲ୍ୟ ବୃଦ୍ଧି ହୁଏ କିମ୍ବା ସରକାରଙ୍କ ଦ୍ଵାରା କୌଣସି ନୂତନ ଦେୟ ଧାର୍ଯ୍ୟ ହୁଏ ତେବେ ଉକ୍ତ ଦେୟ ଆଦାୟ କରିବାର ଅଧିକାର ନିମ୍ନ ସ୍ଵାକ୍ଷରକାରୀଙ୍କର ରହିଛି ।

19. ଲିଜ ଧାରୀ Mines Act-1952 ଏବଂ Explosive Act-1984 ର ସମସ୍ତ ନିୟମ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

10-11-22

ତହସିଲଦାର, ଆସିକା

ପତ୍ର ସଂଖ୍ୟା: 5647 ତାରିଖ 10.11.22

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଞ୍ଜାମ / ଉପ-ଜିଲ୍ଲାପାଳ, ଭଂଜନଗର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

10-11-22

ତହସିଲଦାର, ଆସିକା

ପତ୍ର ସଂଖ୍ୟା: 5648 ତାରିଖ 10.11.22

ଏହାର ଏକକିତା ନକଲ NIC, Ganjam ଙ୍କ ଅବଗତି ତଥା ଗଞ୍ଜାମ ଜିଲ୍ଲା Web Site ରେ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା ।

10-11-22

ତହସିଲଦାର, ଆସିକା

ପତ୍ର ସଂଖ୍ୟା: 5649 ତାରିଖ 10.11.22

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧୀକାରୀ, ଆସିକା ଥାନା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

10-11-22

ତହସିଲଦାର, ଆସିକା

ପତ୍ର ସଂଖ୍ୟା: 5650 ତାରିଖ 10.11.22

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆସିକା ପଞ୍ଚାୟତ ସମିତି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା , ଓ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ ରେ ଲଟକା ଜାରି କରି ଜନ ସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ଆସିକା 10-11-22

ପତ୍ର ସଂଖ୍ୟା: 5651 ତାରିଖ 10.11.22

ଏହାର ଏକକିତା ନକଲ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ସମସ୍ତ ରାଜସ୍ଵ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ / ଉସ୍ତ ଥିବା ସଂପୃକ୍ତ ଗ୍ରାମରେ ଜନ ସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

10-11-22

ତହସିଲଦାର, ଆସିକା